# ମଣିଷ-ବନ୍ୟଜନ୍ତୁ ଲଢ଼େଇ ସମ୍ପର୍କୀତ ଓଡ଼ିଶାରେ ଉପଲବ୍ଧ ନ୍ୟାୟିକ ବ୍ୟବସ୍ଥା

# LEGAL MECHANISMS AVAILABLE IN HUMAN WILDLIFE CONFLICT



**Disclaimer:** There is no copyright on this publication. You are free to share, translate and distribute this material. We request that the source be acknowledged and a copy/link of your reprint, report or translation be sent to the CPR-Namati Environmental Justice Program.

**Research:** Centre for Policy Research-Namati Environmental Justice Program

**Translation:** Jimuta Prasad Mishra

**Design:** Vani Subramanian

**Print:** Printforce

This research work has been supported by the Duleep Matthai Nature Conservation Trust (DMNCT)

**ସ୍ୱତ୍ୱ ପ୍ରତ୍ୟାଖ୍ୟାନଃ** ଏହି ପ୍ରକାଶନ କପି ରାଇଟ୍ ଦାବୀ କରେ ନାହିଁ । ଆପଣ ବିନା ଦ୍ୱିଧାରେ ଏହି ପୁସ୍ତକକୁ ବାଣ୍ଟି ପାରିବେ ଓ ଅନୁବାଦ କରିପାରିବେ ।  ଆପଣଙ୍କୁ ଅନୁରୋଧ ଆପଣ ଯଦି ଏହାର ପ୍ରକାଶନ କିମ୍ବା ଅନୁବାଦ କରନ୍ତି ତେବେ ଏହାର ମୂଳଲେଖା ପାଇଁ ନମତିକୁ ସ୍ୱୀକାରୋକ୍ତି ପ୍ରଦାନ କରନ୍ତୁ ଏବଂ ପ୍ରକାଶନ କିମ୍ବା ଅନୁବାଦର କପି ସିପିଆର୍-ନମତି ଏନ୍ଭାଇରନ୍ମେଣ୍ଟାଲ୍ ଜଷ୍ଟିସ୍ ପ୍ରୋଗ୍ରାମ୍କୁ  ପଠାନ୍ତୁ

**ଗବେଷଣାଃ** ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ-ନମତି ଏନ୍ଭାଇରନ୍ମେଣ୍ଟାଲ୍ ଜଷ୍ଟିସ୍ ପ୍ରୋଗ୍ରାମ୍

**ଓଡ଼ିଆ ଅନୁବାଦଃ** ଜୀମୂତ ପ୍ରସାଦ ମିଶ୍ର

**ରୂପସଜ୍ଜାଃ** ବାଣୀ ସୁବ୍ରମନିଅନ୍

**ମୁଦ୍ରଣଃ** ପ୍ରିଣ୍ଟଫୋର୍ସ

ଏହି ଅଧ୍ୟୟନ/ଗବେଷଣା କାର୍ଯ୍ୟ ପାଇଁ ଦୁଲିପ୍ ମଥାଇ ନେଚର୍ କନ୍ଜର୍ଭେସନ୍ ଟ୍ରଷ୍ଟ୍ ସହାୟତା ପ୍ରଦାନ କରିଛି ।

# ମଣିଷ-ବନ୍ୟଜନ୍ତୁ ଲଢ଼େଇ ସମ୍ପର୍କୀତ ଓଡ଼ିଶାରେ ଉପଲବ୍ଧ ନ୍ୟାୟିକ ବ୍ୟବସ୍ଥା

# LEGAL MECHANISMS AVAILABLE IN HUMAN WILDLIFE CONFLICT

# ମଣିଷ-ବନ୍ୟଜନ୍ତୁ ଲଢ଼େଇ ସମ୍ପର୍କୀତ ଓଡ଼ିଶାରେ ଉପଲବ୍ଧ ନ୍ୟାୟିକ ବ୍ୟବସ୍ଥା

ଏହି କ୍ଷୁଦ୍ର ପୁସ୍ତିକାରେ ନିମ୍ନଲିଖିତ ବିଷୟ ଆଲୋଚନା କରାଯାଇଅଛି :

୧ ବନ୍ୟଜନ୍ତୁ ସହ ସଂଘର୍ଷ କ୍ଷେତ୍ରରେ କ୍ଷତିପୂରଣ ପାଇବାର ପଦ୍ଧତି

୨ ଓଡ଼ିଶାର ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷର ସ୍ଥିତି

୩ ଓଡିଶା ରାଜ୍ୟ ଓ କେନ୍ଦ୍ର ଏହି ସମସ୍ୟାର ସମାଧାନ ପାଇଁ ଗ୍ରହଣ କରିଥିବା ଆବଶ୍ୟକ ପଦକ୍ଷେପ

୪ କ୍ଷତିପୂରଣର ପ୍ରକ୍ରିୟା ଏବଂ କିପରି ଦାବୀ ଦାଖଲ କରାଯାଏ





# Legal mechanisms available in human wildlife conflict in Odisha

This handout deals with:

1 the compensatory mechanisms related to conflicts with wildlife.

2 the status of human wildlife conflict in Odisha

3 various measures adopted by Odisha state and central government to address the issue.

4 compensation measures and how to file claims for the same.

# ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ କଣ?

ବନ୍ୟଜନ୍ତୁଙ୍କର ଆବଶ୍ୟକତା ଓ ଚାହିଦା ମନୁଷ୍ୟର ଲକ୍ଷ୍ୟ ଉପରେ ନକରାତ୍ମକ ପ୍ରଭାବ ସୃଷ୍ଟି କଲେ କିମ୍ବା ମନୁଷ୍ୟର ଲକ୍ଷ୍ୟସାଧନ ବନ୍ୟଜନ୍ତୁଙ୍କର ଆବଶ୍ୟକତା ଉପରେ ନକରାତ୍ମକ ପ୍ରଭାବ ସୃଷ୍ଟିକଲେ ମନୁଷ୍ୟ- ବନ୍ୟଜନ୍ତୁ ଲଢ଼େଇ ପରିସ୍ଥିତି ଜାତହୁଏ[୧]। ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇର ପରିଣାମରେ ଫସଲ, ଗୃହପାଳିତ ପଶୁ, ସମ୍ପତ୍ତି ଓ ମାନବ ଜୀବନର କ୍ଷତି ଘଟିଥାଏ। ମନୁଷ୍ୟର ବନ୍ୟଜନ୍ତୁଙ୍କରଠାରୁ ଏହାର ଧନ ବା ଜୀବନପ୍ରତି ବାସ୍ତବ କିମ୍ବା କଳ୍ପନାପ୍ରସୂତ ବିପଦ ହେତୁ ମନୁଷ୍ୟ ଉଦ୍ଦେଶ୍ୟମୂଳକ ଭାବେ ବନ୍ୟଜୀବଙ୍କୁ କ୍ଷତ, କ୍ଷତି କିମ୍ବା ହତ୍ୟାକଲେ ମଣିଷ-ବନ୍ୟଜନ୍ତୁ ଲଢ଼େଇ ସୃଷ୍ଟି ହୁଏ।

1 ୱାଲଡ୍ ପାର୍କସ୍ କଂଗ୍ରେସ୍ (ଡବ୍ଲୁପିସି), ଡ଼ବ୍ଲୁପିସି ରେକମଣ୍ଡେସନ୍ସ୍, ରେକମଣ୍ଡେସନ୍ ୨୦: ପ୍ରିଭେନ୍ଟିଙ୍ଗ୍ ଏଣ୍ଡ୍ ମିଟିଗେଟିଙ୍ଗ୍ ହ୍ୟୁମାନ୍- ୱାଇଲଡ୍ ଲାଇଫ୍ କନଫ୍ଲିକ୍ଟ୍ସ୍ (୮ -୧୭ ସେପ୍ଟେମ୍ବର ୨୦୦୩) http://www.iucn.org/themes/wcpa/wpc2003/pdfs/outputs/recommendations/approved/english/html/r20.htm



# WHAT IS HUMAN-WILDLIFE CONFLICT (HWC)?

Human wildlife conflict occurs when "needs and requirements of wildlife impact negatively on the goals of humans or when the goals humans negatively impact the needs of the wildlife"[1]. Human wildlife conflicts usually result in the loss of crops, livestock, property and loss of human lives. It also occurs when humans are understood to have 'deliberately' injured, abused or killed wildlife because of actual or perceived threats to themselves or their property.

1 World Parks Congress (WPC), WPC Recommendations, Recommendation 20: Preventing and Mitigating Human-Wildlife Conflicts (8–17 Sept. 2003), http://www.iucn.org/themes/wcpa/wpc2003/pdfs/outputs/recommendations/approved/english/html/r20.htm

# କାହିଁକି ଓ କେଉଁଠାରେ ମନୁଷ୍ୟ-ବନ୍ୟଜନ୍ତୁ ଲଢେଇ ସୃଷ୍ଟି ହୁଏ ?

ଅଧ୍ୟୟନରୁ ଜଣାପଡ଼ିଛି ଯେ ବନ୍ୟଜନ୍ତୁଙ୍କର ପ୍ରାକୃତିକ ଆବାସସ୍ଥଳର ବିନାଶ, କ୍ଷୟ ଏବଂ ବିଖଣ୍ଡନ ହେତୁ ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ ଉତ୍ପନ୍ନ ହୁଏ[୨]। ଅଧ୍ୟୟନରୁ ଆହୁରି ମଧ୍ୟ ଜାଣିବାକୁ ମିଳିଛି ଯେ  ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ ସଂରକ୍ଷିତ ଅଞ୍ଚଳ (ଜାତୀୟ ଉଦ୍ୟାନ, ବନ୍ୟଜୀବ ଅଶ୍ରୟସ୍ଥଳ, ସଂରକ୍ଷଣ ସ୍ୱତନ୍ତ୍ର ଅଞ୍ଚଳ ଏବଂ ଗୋଷ୍ଠୀ ସଂରକ୍ଷଣ ଅଞ୍ଚଳ) ନିକଟରେ ଘଟିଥାଏ କାରଣ ବନ୍ୟଜୀବଙ୍କର ଆବଶ୍ୟକତା ପୂରଣ ପାଇଁ ଏହିସବୁ ଅଞ୍ଚଳ ଯଥେଷ୍ଟ ନୁହେଁ[୩]।



# ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ ଆକଳନ

ମୁଖ୍ୟ ହିସାବ ନିୟନ୍ତ୍ରକ ଓ ସମୀକ୍ଷକଙ୍କର ୨୦୧୭ମସିହାର ରିପୋର୍ଟ ଅନୁଯାୟୀ ଭାରତରେ ବାର୍ଷିକ ପ୍ରାୟ ୪୦୦ ବ୍ୟକ୍ତିଙ୍କର ହାତୀସହ ଲଢ଼େଇରେ ମୃତ୍ୟୁ ହୋଇଥାଏ ଓ ପାଖାପାଖି ୫୦୦୦୦୦ ପରିବାର ଏହାଯୋଗୁଁ ଫସଲ ନଷ୍ଟର କ୍ଷତିବହନ କରିଥାନ୍ତି । ସମସ୍ୟା ସୃଷ୍ଟି କରୁଥିବା ଜୀବଙ୍କୁ ହଟାଇଦେବା ଲକ୍ଷ୍ୟ ରଖି ଚାଷୀମାନେ ବର୍ଷକୁ ପ୍ରାୟ ୧୦୦ଟି ହାତୀଙ୍କର ପ୍ରାଣନାଶ କରିଥାନ୍ତି ।

2 କଣ୍ଟ୍ରୋଲର୍ ଏଣ୍ଡ୍ ଅଡ଼ିଟର୍ ଜେନେରାଲ୍ ରିପୋର୍ଟ୍ ନଂ. ୬, ୨୦୧୭
3 Madden, F. M. (2008). The growing conflict between humans and wildlife: law and policy as contributing and mitigating factors. Journal of International Wildlife Law & Policy, 11(2-3), 189-206. ;Ogra, M. V. (2008). Human–wildlife conflict and gender in protected area borderlands: a case study of costs, perceptions, and vulnerabilities from Uttarakhand (Uttaranchal), India. Geoforum, 39(3), 1408-1422

# WHY AND WHERE DO HWCS ARISE?

Studies have said that HWC arises due to the loss, degradation and fragmentation of wildlife habitats.[2] Studies have also reason that human wildlife conflicts arise near Protected Areas (National Parks, Wildlife sanctuaries, Conservation reserves and Community Reserves), as these areas are insufficient for the needs of the wildlife[3].



# ESTIMATES OF HUMAN WILDLIFE CONFLICT

As per Comptroller and Auditor General's report in 2017, it is estimated that nearly 400 people are killed annually in elephant conflict related incidences in India and they cause damages approximately up to 5,00,000 families through crop depredation. It is also estimated that farmers in a bid to remove 'problem' animals kill around 100 elephants due to retaliation.

2 Comptroller and Auditor General Report No 6 of 2017
3 Madden, F. M. (2008). The growing conflict between humans and wildlife: law and policy as contributing and mitigating factors. Journal of International Wildlife Law & Policy, 11(2-3), 189-206. ;Ogra, M. V. (2008). Human–wildlife conflict and gender in protected area borderlands: a case study of costs, perceptions, and vulnerabilities from Uttarakhand (Uttaranchal), India. Geoforum, 39(3), 1408-1422

| ପ୍ରାଣୀ | କ୍ଷତି | କେବେ | କେଉଁଠାରେ |
|---|---|---|---|
| ବାଘ | ୯୮ ମୃତ୍ୟୁ | ୧ ଏପ୍ରିଲ ୨୦୦୯-୩୧ ମାର୍ଚ୍ଚ ୨୦୧୭ | ଭାରତ |
| ହାତୀ | ୨୮୦୪ ମୃତ୍ୟୁ | ୧ ଏପ୍ରିଲ ୨୦୦୯-୩୧ ମାର୍ଚ୍ଚ ୨୦୧୬ | ଭାରତ |
| ହାତୀ | ୧୯୪ ମୃତ୍ୟୁ | ୨୦୧୩ ରୁ ୨୦୧୬ ମଧ୍ୟରେ | ଓଡ଼ିଶା |
| ବାଘ | ୪୧ ମୃତ୍ୟୁ | ୨୦୧୩ ରୁ ୨୦୧୬ ମଧ୍ୟରେ | ପଶ୍ଚିମବଙ୍ଗ |

# ମନୁଷ୍ୟ ବନ୍ୟଜନ୍ତୁ ମଧ୍ୟରେ ଲଢ଼େଇର ସମାଧାନ ପାଇଁ କଣ କରାଯାଇଛି ?

ମନୁଷ୍ୟ-ବନ୍ୟଜନ୍ତୁ ମଧ୍ୟରେ ଲଢ଼େଇ ସମ୍ପର୍କୀତ ଘଟଣା ବଢ଼ିବାରେ ଲାଗିବାରୁ, ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ଭିନ୍ନଭିନ୍ନ ରାଜ୍ୟ ସରକାର ପରିସ୍ଥିତିର ମୁକାବିଲା ପାଇଁ ଯୋଜନା ଓ ପଦ୍ଧତି ସୃଷ୍ଟି କରିଛନ୍ତି । ମନୁଷ୍ୟ-ବନ୍ୟପ୍ରାଣୀ ଲଢ଼େଇର ନିବାରଣ କରିବା ପାଇଁ ପଦକ୍ଷେପ ନେବା ସହ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ ହେତୁ ହେଉଥିବା କ୍ଷତିର ଭରଣା ଯୋଗାଇ ଦେବାପାଇଁ ପ୍ରକ୍ରିୟା ପ୍ରସ୍ତୁତ କରାଯାଇଅଛି ।
ଭିନ୍ନଭିନ୍ନ କର୍ତ୍ତୃପକ୍ଷ ଗ୍ରହଣ କରିଥିବା ପଦକ୍ଷେପ ଓ ଏ ସମ୍ପର୍କୀତ ଆଇନ୍ ବାବଦରେ ନିମ୍ନରେ ଆଲୋଚ଼ନା କରାଯାଇଅଛି ।



| ANIMAL | DAMAGE | WHEN | WHERE |
|---|---|---|---|
| Tiger | 98 deaths | 1 April 2009 - 31 March 2017 | India |
| Elephant | 2804 deaths | April 2009 - 31 March 2016 | India |
| Elephant | 194 deaths | 2013-2016 | Odisha |
| Tiger | 41 deaths | 2013-2016 | West Bengal |

# WHAT IS DONE TO TACKLE HWC?

Due to the rising instances of HWC, the MOEFCC and various state governments have come up with schemes and plan to remedy the situation. Actions are taken to prevent HWC as well as procedures have been set up to provide compensation for the losses incurred during a HWC. Following are a few measures under the law and taken by various authorities.

| KIND | AUTHORITY/LAW | DETAILS |
|---|---|---|
| **Advisories** | MoEFCC under WLPA | Provisions under the WLPA have been encouraged to be used by MOEFCC through various circulars. For example, as in 2015 asks the states to form a Human Wildlife Conflict Management strategy and plans for identified conflict zones for quick response action. It lays down certain basic actions that could be put in these plans. Amongst is that, local volunteers should be trained to handle incidences of human wildlife conflict. |
| **National Wildlife Action Plan (2017-2031)** | MoEFCC under WLPA | As per this, new institutions would be created for HWC mitigation.[4]<br>Few examples:<br>• Centre for Excellence for HWC mitigation will be set up at the MOEFCC, which would coordinate with the various State Forest Departments, local bodies, scientific institutes and NGOs.<br>• Conflict Mitigation Squads in selected regions to train and enhance squads for quick and effective response<br>• Primary Response Teams, consisting of local community persons who would be selected through consultation with local bodies and public representatives |
| **Project Tiger, Project Elephant**[5] | MoEFCC | These projects, includes funding for activities focused on mitigation of HWC. For example, under Project Elephant, there are provisions for excavation of elephant proof trench, erection of solar fencing, and maintenance/establishment of rapid response teams, anti depredation camps.<br>In Odisha, Project Tiger includes the Satkosia Tiger Reserve and Simlipal Tiger Reserve. Mahanadi Elephant Reserve and Sambalpur Elephant Reserve comes under Project Elephant. These projects, includes funding for activities focused on mitigation of HWC. For example, under Project Elephant, there are provisions for excavation of elephant proof trench, erection of solar fencing, and maintenance/establishment of rapid response teams, anti depredation camps. |
| **Augmentation of Fodder & Water Scheme in Protected Areas/ Forest Areas** | MOEFCC under Compensatory Afforestation Fund Management and Planning Authority | Under this augmentation of fodder and water sources are done for wild herbivores within the Protected Area/Forests where degraded habitat is known to be the cause of significant human wildlife conflict |

4 *As per information found on public domain, these institutions have not been formed yet*

5 While these projects provide for preventive measures, the efficacy of such projects is not being commented upon in this legal material.

| ପ୍ରକାର | କର୍ତ୍ତୃପକ୍ଷ/ଆଇନ | ସବିଶେଷ ବର୍ଣ୍ଣନା |
|---|---|---|
| ପରାମର୍ଶ ପତ୍ର | ବନ୍ୟଜୀବ ସୁରକ୍ଷା ଆଇନ୍ ଅନୁଯାୟୀ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ | ଭିନ୍ନଭିନ୍ନ ଆଦେଶପତ୍ର ମାଧ୍ୟମରେ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବନ୍ୟଜୀବ ସୁରକ୍ଷା ଆଇନ୍ ଅନ୍ତର୍ଗତ ବ୍ୟବସ୍ଥା ଗୁଡ଼ିକର ପାଳନ ନିମନ୍ତେ ପ୍ରୋତ୍ସାହନ ଯୋଗାଏ । ଉଦାହରଣ ସ୍ୱରୂପ;- ୨୦୧୫ ମସିହାରେ ଏହା ରାଜ୍ୟମାନଙ୍କୁ ଚିହ୍ନିତ ସଂଘର୍ଷ ମଣ୍ଡଳରେ ତ୍ୱରିତ ଜାବାବୀ ପ୍ରତିକ୍ରିୟା ପାଇଁ ରାଜ୍ୟମାନଙ୍କୁ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ପରିଚାଳନା ଯୋଜନା ଓ ରଣକୌଶଳ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛି । ଏହି ଯୋଜନାରେ କେତେକ ନିର୍ଦ୍ଦିଷ୍ଟ ମୌଳିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରିବା ପାଇଁ ଏହା ନିର୍ଦ୍ଧାରଣ କରିଛି । ଏଗୁଡ଼ିକ ମଧ୍ୟରେ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ମୁକାବିଲା କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ ଅନ୍ୟତମ |
| ଜାତୀୟ ବନ୍ୟଜନ୍ତୁ କାର୍ଯ୍ୟଯୋଜନା (୨୦୧୭-୨୦୩୧) | ବନ୍ୟଜୀବ ସୁରକ୍ଷା ଆଇନ୍ ଅନୁଯାୟୀ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ | ଏହା ଅନୁଯାୟୀ, ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ ସମସ୍ୟାର ଉପଶମ ପାଇଁ ନୂତନ ଅନୁଷ୍ଠାନ ସୃଷ୍ଟି କରାଯିବ । କେତେକ ଉଦାହରଣ[4] ନିମ୍ନରେ ଦିଆଗଲା;<br>• ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇର ପ୍ରଶମନ ନିମନ୍ତେ "ଉତ୍କର୍ଷ କେନ୍ଦ୍ର" ପ୍ରତିଷ୍ଠା ଯାହା ଭିନ୍ନଭିନ୍ନ ରାଜ୍ୟ ଜଙ୍ଗଲ ବିଭାଗ, ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ, ବେସରକାରୀ ଅନୁଷ୍ଠାନ (ଏନ୍‌ଜିଓ) ଓ ବୈଜ୍ଞାନିକ ପ୍ରତିଷ୍ଠାନମାନଙ୍କ ସହ ସମନ୍ୱୟ ସୃଷ୍ଟି କରିବ<br>• ଚୟନ କରାଯାଇଥିବା ଅଞ୍ଚଳରେ ତ୍ୱରିତ ଓ ଫଳପ୍ରଦ ଜବାବୀ କାର୍ଯ୍ୟ ସମ୍ପାଦନ ପାଇଁ ସ୍ଥାନୀୟ ଦଳଗୁଡ଼ିକର ତାଲିମ୍ ଓ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ସଂଘର୍ଷ ପ୍ରଶମନ ଦଳର ଗଠନ<br>• ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଓ ଜନସାଧାରଣଙ୍କର ପ୍ରତିନିଧିମାନଙ୍କର ସହ ଆଲୋଚନା ମାଧ୍ୟମରେ ସ୍ଥାନୀୟ ଜନଗୋଷ୍ଠୀର ବ୍ୟକ୍ତି ବିଶେଷଙ୍କୁ ନେଇ ପ୍ରାଥମିକ ଜବାବ ପ୍ରଦାନକାରୀ ଦଳର ଗଠନ |
| ବ୍ୟାଘ୍ର ପ୍ରକଳ୍ପ, ହାତୀ ପ୍ରକଳ୍ପ[5] | ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ | ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷର ପ୍ରଶମନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପାଣ୍ଠିର ଏହି ପ୍ରକଳ୍ପରେ ବ୍ୟବସ୍ଥା ଅଛି । ଉଦାହରଣ ସ୍ୱରୂପ; ହାତୀ ଜନବସତିକୁ ପ୍ରବେଶ ନକରିପାରିବା ପାଇଁ ଗାତ ଖୋଳା, ସୌରଶକ୍ତି ଯୁକ୍ତ ତାରବାଡ଼, ତ୍ୱରିତ ପ୍ରତିକ୍ରିୟା ଦଳ, ବିଧ୍ୱଂସୀକରଣ/ ଶିକାର ରୋକିବା ପାଇଁ ଶିବିର ଇତ୍ୟାଦିର ବ୍ୟବସ୍ଥା ହାତୀ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଅଛି ।<br><br>ଓଡ଼ିଶାରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ସିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଅନ୍ତର୍ଭୁକ୍ତ । ମହାନଦୀ ହାତୀ ସଂରକ୍ଷଣ ଏବଂ ସମ୍ବଲପୁର ହାତୀ ସଂରକ୍ଷଣ ପ୍ରକଳ୍ପ ହାତୀ ପ୍ରକଳ୍ପରେ ଅନ୍ତର୍ଭୁକ୍ତ । ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷର ପ୍ରଶମନ କେନ୍ଦ୍ରିତ କାର୍ଯ୍ୟକଳାପ ପାଇଁ ପାଣ୍ଠିର ବ୍ୟବସ୍ଥା ଏହି ପ୍ରକଳ୍ପମାନଙ୍କରେ କରାଯାଇଅଛି । ଉଦାହରଣ ସ୍ୱରୂପ; ହାତୀ ଜନବସତିକୁ ପ୍ରବେଶ ନକରିପାରିବା ପାଇଁ ଗାତ ଖୋଳା, ସୌରଶକ୍ତି ଯୁକ୍ତ ତାରବାଡ଼, ତ୍ୱରିତ ପ୍ରତିକ୍ରିୟା ଦଳ, ବିଧ୍ୱଂସୀକରଣ/ ଶିକାର ରୋକିବା ପାଇଁ ଶିବିର ଇତ୍ୟାଦିର ବ୍ୟବସ୍ଥା ହାତୀ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଅଛି । |
| ପଶୁଖାଦ୍ୟ ଓ ଜଳର ବୃଦ୍ଧି ପାଇଁ ସୁରକ୍ଷିତ ଅଞ୍ଚଳ/ ଜଙ୍ଗଲ ଅଞ୍ଚଳରେ ଯୋଜନା | ପରିବେଶ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧିନସ୍ଥ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା କର୍ତ୍ତୃପକ୍ଷ | ସୁରକ୍ଷିତ ଅଞ୍ଚଳ/ ଜଙ୍ଗଲ ଯେଉଁଠାରେ ବିନାଶଶୀଳ ପ୍ରାକୃତିକ ଆବାସସ୍ଥଳ ଯୋଗୁଁ ମନୁଷ୍ୟ-ବନ୍ୟଜନ୍ତୁ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଉଛି , ସେପରି ସ୍ଥାନରେ ବନ୍ୟ ତୃଣଭୋଜୀ ଜନ୍ତୁମାନଙ୍କର ପାଇଁ ପଶୁଖାଦ୍ୟ ଓ ଜଳଉତ୍ସର ବୃଦ୍ଧି/ସମୃଦ୍ଧି ପାଇଁ କାର୍ଯ୍ୟ କରାଯାଇଥାଏ । |

4 ଉପଲବ୍ଧ ସୂଚନା ଅନୁଯାୟୀ, ଏହି ଅନୁଷ୍ଠାନ ଗୁଡ଼ିକର ଗଠନ ହୋଇନାହିଁ
5 ଯଦିଓ ଏହି ପ୍ରକଳ୍ପ ଗୁଡ଼ିକ ପ୍ରତିରୋଧାତ୍ମକ ପଦକ୍ଷେପ ନିମନ୍ତେ ଉଦ୍ଦିଷ୍ଟ, କିନ୍ତୁ ଏଠାରେ ପ୍ରକଳ୍ପ ଗୁଡ଼ିକର ଦକ୍ଷତା ସମ୍ପର୍କରେ କୌଣସି ମତାମତ ପ୍ରଦାନ କରାଯାଉନାହିଁ

## ମନୁଷ୍ୟ -ବନ୍ୟଜନ୍ତୁ ମଧ୍ୟରେ ସଂଘର୍ଷର ପ୍ରଶମନ ଓ ନିୟନ୍ତ୍ରଣ ପାଇଁ ଶିକାରକୁ ଏକ ପଦକ୍ଷେପ ରୂପେ ଅନୁମତି ପ୍ରଦାନ କରାଯାଇଛି କି ?

କେନ୍ଦ୍ରରେ ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓ ରାଜ୍ୟସ୍ତରରେ ମୁଖ୍ୟ ବନ୍ୟଜୀବ ତତ୍ତ୍ୱବଧାରକ ଏହାକୁ ଅନୁମତି ପ୍ରଦାନ କରିପାରନ୍ତି । ନିମ୍ନଲିଖିତ କ୍ଷେତ୍ରରେ ଏହା କରାଯାଇପାରେ; ଯେତେବେଳେ ଏହା ନିଶ୍ଚିତ ଯେ-

- ସିଡ୍ୟୁଲ୍ - ୧ ରେ ତାଲିକାଭୁକ୍ତ ଏକ ପ୍ରାଣୀ ମାନବ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି କିମ୍ବା ଏହା ଏପରି ଭାବେ ରୋଗଗ୍ରସ୍ତ କିମ୍ବା ଆପାଙ୍ଗ ଯେ ଏହା ପୁନର୍ବାର ଠିକ୍ ହୋଇପାରିବନାହିଁ (ବନ୍ୟଜୀବ ସୁରକ୍ଷା ଆଇନ୍‌ର ଅନୁଚ୍ଛେଦ ୧୧(୧) (କ) ଅନୁଯାୟୀ)
- ବନ୍ୟଜୀବ ସୁରକ୍ଷା ଆଇନ୍‌ର ସିଡ୍ୟୁଲ୍ ୨-୪ ରେ ଉଲ୍ଲେଖ କରାଯାଇଥିବା କୌଣସି ପ୍ରାଣୀ ମାନବ ଜୀବନ ଓ ଧନ ପ୍ରତି ବିପଦ ସୃଷ୍ଟି କରୁଛି (ଜମିର ଫଳନ୍ତି ଫସଲ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ) (ଅନୁଚ୍ଛେଦ ୧୧(୧) (ଖ) ଅନୁଯାୟୀ) । ବନ୍ୟଜୀବ ସୁରକ୍ଷା ଆଇନ୍‌ର ସିଡ୍ୟୁଲ ଭିନ୍ନଭିନ୍ନ ସ୍ତନ୍ୟପାୟୀ, ଉଭୟଚର, ସରୀସୃପ ଏବଂ କୀଟପତଙ୍ଗଙ୍କୁ ତାଲିକାଭୁକ୍ତ କରିଛି



## ବନ୍ୟପ୍ରାଣୀଙ୍କୁ ପରାନ୍ନପୁଷ୍ଟ/ ଖାଦ୍ୟଶସ୍ୟ ଇତ୍ୟାଦି ନଷ୍ଟ କରୁଥିବା ପ୍ରାଣୀ ବୋଲି ଘୋଷଣା କରି ହୁଏ କି ?

ଏକ ନିର୍ଦ୍ଦିଷ୍ଟ  ଅଞ୍ଚଳ ଓ ସମୟଅବଧି ପାଇଁ ବନ୍ୟପ୍ରାଣୀଙ୍କୁ ବିଜ୍ଞପ୍ତି ଜାରି ମାଧ୍ୟମରେ ପରାନ୍ନପୁଷ୍ଟ/ ଖାଦ୍ୟଶସ୍ୟ ଇତ୍ୟାଦି ନଷ୍ଟ କରୁଥିବା ପ୍ରାଣୀ ବୋଲି ଘୋଷଣା କରିବାର କ୍ଷମତା କେନ୍ଦ୍ର ସରକାରଙ୍କୁ ବନ୍ୟଜୀବ ସୁରକ୍ଷା ଆଇନ୍‌ର ଅନୁଚ୍ଛେଦ-୬୨ ପ୍ରଦାନ କରିଛି । ଏକ ପ୍ରାଣୀକୁ ପରାନ୍ନପୁଷ୍ଟ ବା ଖାଦ୍ୟ ଶସ୍ୟ ନଷ୍ଟକାରୀ ବୋଲି ଘୋଷଣା କରିବାର ଅର୍ଥ ଏହି ବନ୍ୟପ୍ରାଣୀକୁ ଶିକାର କରାଯାଇପାରିବ । ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ସମାଧାନ କରିବା ପାଇଁ ବନ୍ୟପ୍ରାଣୀଙ୍କୁ ପରାନ୍ନପୁଷ୍ଟ ଘୋଷଣା କରାଯିବାର ଅନେକ ଦୃଷ୍ଟାନ୍ତ ଅଛି ।

## IS HUNTING PERMITTED AS A MEASURE TO CONTROL AND MITIGATE HWC?

It can be permitted by the MOEFCC at the Centre or the Chief Wildlife Warden at the State level. This can be done in the following instances:

- When it is satisfied that an animal specified in Schedule I, is dangerous to human life or is disabled or diseased beyond recovery [Under Section 11 (1) (a) of the WLPA]
- When it is satisfied that an animal specified in Schedule II-IV of the WLPA becomes dangerous to human life or property (including standing crops in any land) [Under Section 11 (1) (b)]. The Schedules in the WLPA lists the various mammals, amphibians, reptiles, insects etc.



## HAVE WILD ANIMALS BEEN DECLARED VERMIN?

Section 62 of WLPA empowers the central government to declare by notification wild animals to be vermin for specified area and period. Declaring an animal vermin implies that the wild animal can be hunted. There have been instances where animals have been declared vermin address human wildlife conflicts:

# ପ୍ରାଣୀ ପରାନ୍ନପୁଷ୍ଟ ଘୋଷିତ ହୋଇଥିବାର ଦୃଷ୍ଟାନ୍ତ

| ପ୍ରାଣୀ | କେଉଁଠାରେ | କେତେସମୟ | କାରଣ |
|---|---|---|---|
| **ରେସସ୍ ମାକାକ୍ୟୁ ମାଙ୍କଡ଼** | ହିମାଚଳ ପ୍ରଦେଶର କିଛି ଅଂଶ, ଜଙ୍ଗଲ ଅଞ୍ଚଳରେ ପ୍ରଯୁଜ୍ୟ ନୁହେଁ | ୨୪ ମେ ୨୦୧୬ରୁ ୧ ବର୍ଷ ପର୍ଯ୍ୟନ୍ତ | ଧନ ଓ ଜୀବନ ନଷ୍ଟ ଏବଂ ଫସଲର ବହୁଳ ନଷ୍ଟ |
| **ବଣ ଘୁଷୁରି/ ବାର୍ହା** | ଉତ୍ତରାଖଣ୍ଡର ବଣ ଘୁଷୁରି/ ବାର୍ହା ଦେଖାଯାଉଥିବା ଅଞ୍ଚଳ | ୩ ଫେବୃୟାରୀ ୨୦୧୬ ରୁ ୧ ବର୍ଷ ପର୍ଯ୍ୟନ୍ତ | ଜଙ୍ଗଲ ଅଞ୍ଚଳର ବାହାରେ ବଣ ଘୁଷୁରି/ ବାର୍ହାର ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇବା ହେତୁ ଧନ ଓ ଜୀବନର କ୍ଷତି ଏବଂ ଫସଲର ବହୁଳ ନଷ୍ଟ |
| **ନୀଳଗାଈ ଏବଂ ବଣ ଘୁଷୁରି / ବାର୍ହା** | ବିହାରର କିଛି ଅଂଶ | ୧ ଡ଼ିସେମ୍ବର ୨୦୧୫ ରୁ ୧ ବର୍ଷ ପର୍ଯ୍ୟନ୍ତ | ଜଙ୍ଗଲ ଅଞ୍ଚଳ ବାହାରେ ନୀଳଗାଈ ଓ ବଣ ଘୁଷୁରିର ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇବା ହେତୁ ଧନ ଓ ଜୀବନର କ୍ଷତି ଏବଂ ଫସଲର ବହୁଳ ନଷ୍ଟ |



# EXAMPLES WHERE AN ANIMAL WAS DECLARED VERMIN

| ANIMAL | WHERE | ISSUED FOR | REASON |
|---|---|---|---|
| **Rhesus Macaque monkeys** | Parts of Himachal Pradesh, not applicable in forest areas | For a period of one year from 24th May 2016 | Damage to life and property and large-scale destruction of agriculture. |
| **Wild Pig** | Areas where wild pig is found in Uttrakhand | Issued on 3rd February 2016 for a period of one year | Harm to life and property including large scale destruction of agriculture due to overpopulation of wild pigs in areas outside forests |
| **Nilgai and Wild pig** | Parts of Bihar | Issued on 1st December,2015 for a period of one year | Harm to life and property including large scale destruction of agriculture due to overpopulation of Nilgai and wild pigs in areas outside forests |

# କୌଣସି ବ୍ୟକ୍ତିଙ୍କୁ ଅବୈତନିକ ବନ୍ୟଜନ୍ତୁ ତତ୍ତ୍ୱବଧାରକ ହିସାବରେ ନିଯୁକ୍ତ କରିହେବ କି ?

ବନ୍ୟଜୀବ ସୁରକ୍ଷା ଆଇନ୍‌ର ଅନୁଚ୍ଛେଦ-୪ ରେ ଅବୈତନିକ ବନ୍ୟଜୀବ ତତ୍ତ୍ୱବଧାରକ ନିଯୁକ୍ତି ବାବଦରେ ଉଲ୍ଲେଖ ଅଛି । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ, ଅବୈତନିକ ବନ୍ୟଜୀବ ତତ୍ତ୍ୱବଧାରକଙ୍କୁ ବନ୍ୟଜନ୍ତୁ ଧନ ଓ ଜୀବନପ୍ରତି ସୃଷ୍ଟି କରୁଥିବା ସମସ୍ୟା ପ୍ରତି ଦୃଷ୍ଟିଦେବା ସହ କ୍ଷତିପୂରଣର ଆକଳନ ଓ ପ୍ରଦାନ ସମ୍ପର୍କୀତ କାର୍ଯ୍ୟ ସମ୍ପାଦନ କରିବାକୁ ପଡ଼େ ।

ଅଞ୍ଚଳର ଖ୍ୟାତି ସମ୍ପନ୍ନ/ ପ୍ରତିଷ୍ଠିତ ବ୍ୟକ୍ତି ଯିଏକି ବନ୍ୟଜୀବ ସଂରକ୍ଷଣ ପ୍ରତି ସଦ୍‌ଭାବନା ପୋଷଣ କରୁଥିବେ, ପ୍ରକୃତି ଏବଂ ବନ୍ୟଜୀବଙ୍କର ଜୀବନପ୍ରତି ବିରୁଦ୍ଧାଚରଣ କରୁଥିବା କୌଣସି କାର୍ଯ୍ୟରେ ସାମିଲ ନଥିବେ ଏବଂ ସରକାରୀକଳକୁ ସାହାଯ୍ୟ କରିପାରୁଥିବା କୌଣସି ବ୍ୟକ୍ତିଙ୍କୁ ଅବୈତନିକ ବନ୍ୟଜନ୍ତୁ ତତ୍ତ୍ୱବଧାରକ ରୂପେ ନିଯୁକ୍ତି ପ୍ରଦାନ କରାଯାଇପାରେ ।

ବନ୍ୟଜୀବ ସୁରକ୍ଷା ଆଇନ୍ ଅଧିନରେ ରାଜ୍ୟ ସରକାରଙ୍କର ଦ୍ୱାରା ପ୍ରତିଷ୍ଠିତ ବନ୍ୟଜୀବ ଉପଦେଷ୍ଟା ବୋର୍ଡର ସୁପାରିଶ କ୍ରମେ ନିଯୁକ୍ତି ପ୍ରଦାନ କରାଯାଏ ।



# CAN ANY PERSON BE APPOINTED AS AN HONORARY WILDLIFE WARDEN?

The WLPA provides for the appointment of Honorary Wildlife Wardens under Section 4 of the Act. Among other duties, Honorary Wildlife Warden measures to deal with the problem of damage by wild animals to life and property, including assessment and payment of compensation.

These Honorary Wildlife Wardens can be any person who has a local standing, concern for wildlife conservation, is not involved in any activity detrimental to the interests of nature and wildlife and has the capacity to help in the official machinery.

The appointment is be made on the recommendation of the Wildlife Advisory Board, which is set up by the State governments under the WLPA.

# କ୍ଷତିପୂରଣ ମାନ ନିର୍ଦ୍ଧାରଣ

ମନୁଷ୍ୟ-ବନ୍ୟଜନ୍ତୁ ଲଢ଼େଇ ଘଟଣାର ବୃଦ୍ଧି ଘଟୁଥିବା ହେତୁ ସରକାର କ୍ଷତିର ଭରଣା କରିବା ପାଇଁ କ୍ଷତିପୂରଣର ମାନ ନିର୍ଦ୍ଧାରଣ କରିଛନ୍ତି ।

## ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କେତେ କ୍ଷତିପୂରଣ ନିର୍ଦ୍ଧାରଣ କରିଛି ?

ପରିବେଶ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ୯ ଫେବୃୟାରୀ ୨୦୧୮ରେ ଜାରି କରାଯାଇଥିବା ଆଦେଶପତ୍ର (ଏଫ୍. ନଂ. ୧୪-୨/୨୦୧୧ ଡବ୍ଲୁ-୧ (ପିଟି-୨) ଅନୁଯାୟୀ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ହେତୁ ହେଉଥିବା କ୍ଷୟକ୍ଷତି ପାଇଁ  କେନ୍ଦ୍ର ଯୋଜନାରେ କ୍ଷତିପୂରଣର ପରିମାଣରେ ବୃଦ୍ଧି କରାଯାଇଅଛି । ଆଦେଶପତ୍ର ଅନୁଯାୟୀ ନିର୍ଦ୍ଧାରିତ କ୍ଷତିପୂରଣର ପରିମାଣ ନିମ୍ନରେ ଉଲ୍ଲେଖ କରାଯାଇଅଛି । ରାଜ୍ୟ ସରକାରଙ୍କୁ ଏହା କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଏକ ମାର୍ଗଦର୍ଶିକା । ଏହି ଦଲିଲ୍‌ରେ କ୍ଷୟକ୍ଷତିର  ବାଖ୍ୟା/ସଂଜ୍ଞା ନିରୁପଣ କରାଯାଇନାହିଁ ।

| କ୍ଷତିର ପ୍ରକାର | ପରିମାଣ |
|---|---|
| ମୃତ୍ୟୁ କିମ୍ବା ସାରାଜୀବନ ପାଇଁ ଅକ୍ଷମ ହୋଇଯିବା | ୫ ଲକ୍ଷ |
| ଗୁରୁତର ଆଘାତ | ୨ଲକ୍ଷ |
| ସାମାନ୍ୟ ଆଘାତ | ବ୍ୟକ୍ତିପିଛା ଟ.୨୫୦୦୦ ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚ |
| ସମ୍ପତ୍ତି/ ଫସଲର କ୍ଷତି | ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାର ନିର୍ଦ୍ଧାରଣ କରିଥିବା ପରିମାଣ ଅନୁଯାୟୀ |



# COMPENSATION MEASURES

Due to the rise in human wildlife conflict, the government has come up with compensation measures to compensate for the damage that is incurred.

## WHAT IS THE COMPENSATION AMOUNT SET BY MoEFCC?

As per a circular [F.No.14-2/2011 W-I (Pt-II)] issued on February 9th, 2018 by the MoEFCC, the compensation amounts through central schemes in case of human wildlife has been increased. Following is the compensation amounts prescribed as per this circular. These amounts are guidelines to the states to set similar amounts. The nature of damage caused has not been defined in this document.

| NATURE OF DAMAGE CAUSED | AMOUNT |
|---|---|
| Death or permanent incapacitation to human beings | Rs 5 lakh |
| Grievous injury | Rs 2 lakh |
| Minor injury | Cost of treatment upto Rs. 25,000 per person |
| Loss of property/crops | State/UT governments may adhere to the cost norms prescribed them |

# କ୍ଷତିପୂରଣ

## ପାଇବା ପାଇଁ ଓଡ଼ିଶାରେ ନିର୍ଦ୍ଧାରିତ ପ୍ରକ୍ରିୟା

ଭିନ୍ନଭିନ୍ନ ସରକାରୀ ଆଦେଶ ମାଧ୍ୟମରେ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ କ୍ଷେତ୍ରରେ କ୍ଷତିପୂରଣ ପାଇବା ପାଇଁ ପ୍ରକ୍ରିୟା/ ପଦ୍ଧତି ପ୍ରସ୍ତୁତ କରାଯାଇଅଛି। ଏହି ପରିପ୍ରେକ୍ଷୀରେ ବନ୍ୟଜନ୍ତୁର ଅର୍ଥ ବନ୍ୟଜୀବ ସୁରକ୍ଷା ଆଇନ୍‌ର ସିଡ୍ୟୁଲ- ୧ ରୁ ୪ ମଧ୍ୟରେ ଉଲ୍ଲେଖ କରାଯାଇଥିବା ଯେକୌଣସି ପ୍ରାଣୀ। ଏହି ତାଲିକା ସିଂହ, ବାଘ, ଚିତାବାଘ, ହାତୀ, କୁମ୍ଭୀର, ଭାଲୁ, ହେଟା, ବଣ ଘୁଷୁରି/ ବାର୍‌ହା, ବଣ କୁକୁର ଇତ୍ୟାଦିକୁ  ଅନ୍ତର୍ଭୁକ୍ତ କରେ କିନ୍ତୁ କେବଳ ଏହି ପ୍ରାଣୀମାନଙ୍କର ମଧ୍ୟରେ ସୀମିତ ନୁହେଁ।

ଓଡ଼ିଶା ବନ୍ୟଜୀବ ସୁରକ୍ଷା ନିୟମାବଳୀ, ୧୯୭୪ ବନ୍ୟଜନ୍ତୁଙ୍କର ଦ୍ୱାରା ମାନବ ଜୀବନହାନି ଆଘାତ, ଗୃହପାଳିତ ପଶୁର ମୃତ୍ୟୁ, ଫସଲ ନଷ୍ଟ କିମ୍ବା ବାସଗୃହ ନଷ୍ଟ ହେଲେ କ୍ଷତିପୂରଣ ପ୍ରଦାନର ପ୍ରକ୍ରିୟା ନିର୍ଦ୍ଧାରିତ କରିଛି।

କେତେକ ନିର୍ଦ୍ଦିଷ୍ଟ ବନ୍ୟଜନ୍ତୁ-ବାଘ, ଚିତାବାଘ, ହାତୀ, କୁମ୍ଭୀର, ଭାଲୁ, ହେଟା, ବଣ ଘୁଷୁରି/ ବାର୍‌ହା ଏବଂ ବଣ କୁକୁର କ୍ଷୟକ୍ଷତି ଘଟାଇଲେ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା କରାଯାଇଅଛି।

# WHAT

## IS THE PROCEDURE LAID DOWN IN ODISHA FOR OBTAINING COMPENSATION?

A procedure is laid down to access compensation in case of human wildlife conflict, through various government orders. Wildlife in this case means any animal specified in Schedule I to IV of the WLPA. This includes, but is not limited to Lions, Tigers, Leopard, Elephant, Crocodile, Sloth Bear, Indian Wolf, Wild Boar, Gaur and Wild Dogs.

The Odisha Wildlife Protection Rules, 1974 lays down the procedure for compassionate payment on account of human kills, human injury, cattle kills, crop damage or house damage by wild animals are specified.

These payments are made on account of damage caused by a specified list of wild animals- Tiger, Leopard, Elephant, Crocodile, Sloth Bear, Indian Wolf, Boar Gaur and Wild Dogs

## ନିମ୍ନରେ ମନୁଷ୍ୟ କିମ୍ବା ଗୃହପାଳିତ ପଶୁଙ୍କର ଜୀବନହାନୀ କିମ୍ବା କ୍ଷୟକ୍ଷତି ହେଲେ କେଉଁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯିବ, କ୍ଷତିପୂରଣ ଦାବୀ କରିବା ପାଇଁ ପ୍ରକ୍ରିୟା ଏବଂ କ୍ଷତିପୂରଣ ପରିମାଣ ବାବଦରେ ଉଲ୍ଲେଖ କରାଯାଇଅଛି ।

| ଘଟଣା | ଘଟଣା ଘଟିବାର ସ୍ଥାନ | ସକ୍ଷମ କର୍ତ୍ତୃପକ୍ଷ | କ୍ଷତିପୂରଣ ଦାବୀ କରିବାର ପ୍ରକ୍ରିୟା | ପରିମାଣ |
|---|---|---|---|---|
| ମାନବ ଜୀବନ ହାନୀ | ଜଙ୍ଗଲ କିମ୍ବା ଏହାର ସୀମାରୁ ୫ କିମି ପରିବୃତ୍ତ ଅଞ୍ଚଳ ମଧ୍ୟରେ | ଡ଼ିଭିଜନାଲ୍ ଫରେଷ୍ଟ ଅଫିସର (ଡିଏଫ୍ଓ) | ସକ୍ଷମ କର୍ତ୍ତୃପକ୍ଷଙ୍କୁ ନିକଟବର୍ତ୍ତୀ ଥାନା ଅଧିକାରୀ ଘଟଣା ଘଟିବାର ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରନ୍ତି | ଟ.୩ ଲକ୍ଷ [୬] (ଏଫ୍ଆଇଆର୍ ଦାଖଲର ୩୦ ଦିନ ମଧ୍ୟରେ ଆଇନତଃ ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଏ) |
| | ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ଆଶ୍ରୟସ୍ଥଳ, ବନ୍ୟଜନ୍ତୁ ସଂରକ୍ଷଣ ସ୍ଥାନ କିମ୍ବା ସର୍ବସାଧାରଣ ପ୍ରବେଶ ଅନନୁମୋଦିତ ସ୍ଥାନ | ବନ୍ୟଜୀବ ଡ଼ିଏଫ୍ଓ ଏବଂ ଜଙ୍ଗଲ ତତ୍ତ୍ୱବଧାରକ | ଘଟଣା ଘଟିବାର ୭ ଦିନ ମଧ୍ୟରେ ନିକଟବର୍ତ୍ତୀ ଥାନା ଅଧିକାରୀ ସକ୍ଷମ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରନ୍ତି । ରେଞ୍ଜ ଅଫିସର ସ୍ୱୟଂ ଅନୁସନ୍ଧାନ କରି ଡ଼ିଏଫ୍ଓଙ୍କୁ ରିପୋର୍ଟ ପ୍ରଦାନ କରନ୍ତି | |
| ମନୁଷ୍ୟକୁ ଆଘାତ | ଜଙ୍ଗଲ କିମ୍ବା ଏହାର ସୀମାରୁ ୫ କିମି ପରିବୃତ୍ତ ଅଞ୍ଚଳ ମଧ୍ୟରେ | ଡ଼ିଏଫ୍ଓ | ସଂପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କର ଦ୍ୱାରା ଦସ୍ତଖତ ହୋଇଥିବା ଡ଼ାକ୍ତରୀ ରିପୋର୍ଟ ଦାଖଲ କରାଯାଇଥାଏ | ଟ.୧୦୦୦୦୦ ସାରାଜୀବନ ପାଇଁ ପଙ୍ଗୁ ହୋଇଗଲେ; ସାମୟିକ ଆଘାତ ପାଇଁ ଟ.୫୦୦୦+ ପ୍ରବେଶ ସରକାରୀ ଡ଼ାକ୍ତରଖାନାରେ ଚିକିତ୍ସା ସୁବିଧା |
| | ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ଆଶ୍ରୟସ୍ଥଳ, ବନ୍ୟଜନ୍ତୁ ସଂରକ୍ଷଣ ସ୍ଥାନ କିମ୍ବା ସର୍ବସାଧାରଣ ପ୍ରବେଶ ଅନନୁମୋଦିତ ସ୍ଥାନ | ବନ୍ୟଜୀବ ଡ଼ିଏଫ୍ଓ ଏବଂ ବନ୍ୟ ସଂରକ୍ଷକ (ସିଏଫ୍) | | |



6 ସମ୍ବାଦପତ୍ର ବିବରଣୀ ଅନୁଯାୟୀ ଏହି ପରିମାଣରେ ବୃଦ୍ଧି ହୋଇଥାଇପାରେ http://www.newindianexpress.com/states/odisha/2017/nov/22/cabinet-likely-to-amend-wildlife-rules-1707481.html

## FOLLOWING TABLE GIVES THE AUTHORITY TO APPROACH, THE PROCEDURE FOR CLAIMING AND THE COMPENSATION AMOUNT IN CASE OF DEATH, INJURY TO HUMANS AND CATTLE.

| In case of | Place of occurrence | Competent Authority to Claim from | Procedure for Claiming | Amount (in rupees) |
|---|---|---|---|---|
| Death of humans | Forest area or within a belt of 5 km from the limits thereof | Divisional Forest Officer (DFO) | Officer in charge of nearest police station furnishes a report within seven days to competent authority. | Rs. 3,00,000 [6] (Payment is made within 30 days from when the First Information Report is lodged to the legal heir) |
| | Within a Sanctuary, National Park, Game Reserve or a closed area | Wildlife DFO and the Conservator of Forest (CF) | Officer in charge of nearest police station furnishes a report within seven days to competent authority. The Range Officer (RO) makes an independent enquiry and send report to DFO. | |
| Injury of humans | Forest area or within a belt of 5 km from the limits thereof | DFO | On production of a Medical Certificate countersigned by the concerned Chief District Medical Officer. | Rs. 1,00,000 for permanent incapacitation; Rs. 5,000+ free treatment in government hospital for temporary injury |
| | Within a Sanctuary, National Park, Game Reserve or a closed area | Wildlife DFO and the CF | | |



6 This amount might have increased as per newsreport http://www.newindianexpress.com/states/odisha/2017/nov/22/cabinet-likely-to-amend-wildlife-rules-1707481.html

| | | | | |
|---|---|---|---|---|
| ଗାଇ, ବଳଦ, ମଇଁଷି, ବାଛୁରୀର ମୃତ୍ୟୁ | ଜଙ୍ଗଲ କିମ୍ବା ଏହାର ସୀମାରୁ ୫ କିମି ପରିବୃତ୍ତ ଅଞ୍ଚଳର ମଧ୍ୟରେ | ଡ଼ିଏଫ୍ଓ | ମୃତ୍ୟୁର କାରଣ ବିଷୟରେ ଯୁଗ୍ମ ତଦନ୍ତ ହୁଏ ଏବଂ ସ୍ଥାନୀୟ ପ୍ରାଣୀ ଚିକିତ୍ସା ସହାୟକ ଡ଼ାକ୍ତର ଏବଂ ଫରେଷ୍ଟ ରେଞ୍ଜ ଅଫିସର ସାର୍ଟିଫିକେଟ୍ ପ୍ରଦାନ କରନ୍ତି ଯାହା ଡ଼ିଏଫ୍ଓଙ୍କର ଦ୍ୱାରା ଅନୁମୋଦନ ହୁଏ | ଟ. ୫୦୦୦ ପ୍ରାପ୍ତ ବୟସ୍କ ପ୍ରାଣୀ ଟ.୨୫୦୦ ବାଛୁରୀ ପାଇଁ ୩,୫୦୦ |
| | ଜାତୀୟ ଉଦ୍ୟାନ, ବନ୍ୟପ୍ରାଣୀ ଆଶ୍ରୟ ସ୍ଥଳ, ବନ୍ୟଜନ୍ତୁ ସଂରକ୍ଷଣ ସ୍ଥାନ କିମ୍ବା ସର୍ବସାଧାରଣ ପ୍ରବେଶ ଅନନୁମୋଦିତ ସ୍ଥାନ | ବନ୍ୟଜୀବ ଡ଼ିଏଫ୍ଓ ଏବଂ ସିଏଫ୍ ସେମାନଙ୍କର ଅଧିକାର ପରିସର / ସ୍ଥାନୀୟ ଅଞ୍ଚଳ ମଧ୍ୟରେ | | |
| ଫସଲ ନଷ୍ଟ | | ସଂପୃକ୍ତ ଡ଼ିଏଫ୍ଓ, ବନ୍ୟଜୀବ ଡ଼ିଏଫ୍ଓ ଏବଂ ସିଏଫ୍ ସେମାନଙ୍କର ଅଧିକାର ପରିସର/ ଅଞ୍ଚଳ ମଧ୍ୟରେ | କ୍ଷତିର ଆକଳନ ରେଞ୍ଜ ଅଫିସର କରନ୍ତି ଯାହା ଡ଼ିଏଫ୍ଓଙ୍କର ଦ୍ୱାରା ଅନୁମୋଦିତ ହୁଏ | ଏକର ପିଛା ଟ. ୧୦୦୦୦ ଧାନ ଏବଂ ଖାଦ୍ୟଶସ୍ୟ ପାଇଁ; ଏକର ପିଛା ଟ.୧୨୦୦୦ ଅର୍ଥକରୀ ଫସଲ ପାଇଁ |
| ହାତୀ ଦ୍ୱାରା ବାସଗୃହ ନଷ୍ଟ | | | ତହସିଲଦାରଙ୍କ ଦ୍ୱାରା ସାର୍ଟିଫିକେଟ୍ ପ୍ରଦାନ ବାସଗୃହ ସଂମ୍ପୂର୍ଣ୍ଣ ନଷ୍ଟ ହେଲେ ଟ.୩୫୦୦। ଆଂଶିକ ନଷ୍ଟ ଟ.୨୦୦୦ | ବାସଗୃହ ସଂମ୍ପୂର୍ଣ୍ଣ ନଷ୍ଟ ହେଲେ ଟ.୧୦୦୦୦ ଏବଂ ବିଜୁ ପକ୍କାଘର ଯୋଜନାରେ ନୂତନ ଆବାସ ପାଇଁ ଅର୍ଥ ସାହାଯ୍ୟ ଟ.୨୦୦୦ ଆଂଶିକ ରୂପେ ନଷ୍ଟ |

# ଦରଖାସ୍ତ ସହ କୌଣସି ପ୍ରମାଣ ଦାଖଲ କରିବାର ଆବଶ୍ୟକତା ଅଛି କି?

ଉପଲବ୍ଧ ସୂଚ଼ନା ଅନୁଯାୟୀ ଏହାର ଆବଶ୍ୟକତା ନାହିଁ  କିନ୍ତୁ ନିମ୍ନଲିଖିତ ଦଲିଲ ଆବେଦନ  ସହ ସଂଲଗ୍ନ କରିବା ବାଞ୍ଛନୀୟ। ଏହା ଦାବୀକୁ ମଜଭୁତ୍ କରେ।

ମାନବ ଜୀବନ ହାନି ବା ଆଘାତ- ଡ଼ାକ୍ତରୀ ସାର୍ଟିଫିକେଟ, ସଂପୃକ୍ତ ବ୍ୟକ୍ତିଙ୍କର ଫଟୋ, ପୋଲିସ୍ ତଦନ୍ତ ରିପୋର୍ଟ (ମୃତ୍ୟୁ କ୍ଷେତ୍ରରେ)

ଫସଲ ନଷ୍ଟ- ଫସଲ ନଷ୍ଟପ୍ରାପ୍ତ ହୋଇଥିବାର ଫଟୋ

ଗୃହପାଳିତ ପଶୁଙ୍କର ମତ୍ୟୁ/ ଆଘାତ-ଗୃହପାଳିତ ପଶୁର ମୃତ୍ୟୁ ବନ୍ୟଜନ୍ତୁ ଆକ୍ରମଣ ଯୋଗୁଁ ହୋଇଥିବାର ଶବ ବ୍ୟବଚ୍ଛେଦ ରିପୋର୍ଟ ଜରିଆରେ ପ୍ରମାଣ, ଘଟଣା ଘଟିଥିବା ସ୍ଥାନରେ  ଗୃହପାଳିତ ପଶୁର ଫଟୋ

ସମ୍ପତ୍ତି/ ଧନ ହାନୀ-ନଷ୍ଟ ହୋଇଥିବା ଧନ/ ସମ୍ପତ୍ତିର ଫଟୋ



| | | | | |
|---|---|---|---|---|
| Death of cow, bullock, buffalo, calf | Within a forest area or 5 its 5km belt | **DFO** | A joint enquiry is conducted to the cause of death and A certificate is furnished by the local veterinary assistant surgeon and forest RO and approved by DFO. | Rs. 5,000-for adult Rs. 2,500-for calf |
| | Inside a Sanctuary, National Park, Game Reserve or inside a closed area- | Wildlife DFO and the CF within the local area of their jurisdiction | | |
| Crop damage | | The concerned DFO, the Wildlife DFO and the CF within the local area of their jurisdiction | Damage is assessed by the RO and approved by the DFO. | Rs. 10,000 for paddy and cereals; Rs. 12,000 for cash crops |
| **House damage- by wild elephants** | | | On production of certificate from local Tahasildar. Only in case the house is completely raised to the ground Rs. 3,500. Rs. 2000-on partial damage. | **Rs. 10,000-for full damage and allotment of a new house under Biju Pucca Ghar Yojana Scheme Rs. 2,000- for partial damage** |

# IF ANY EVIDENCE REQUIRED TO BE SUBMITTED ALONGWITH THE APPICATION?

Not as per available information.  However it is preferable that the following is attached as is indicated in other states. This can strengthen the claim.

For Death or injury of humans- Medical certificate, photograph of the affected person, police enquiry report (in case of death)

For crop damage-Photograph of damaged land,

For Cattle injury/death- Post mortem report certifying that the domestic animal has died due to wild animal attack, photograph of the domestic animal at the place of incidence

For property-Photograph of damaged property

# କେଉଁ ପରିସ୍ଥିତିରେ କ୍ଷତିପୂରଣ ପ୍ରଦାନ କରାଯାଏ ନାହିଁ ?

## ଯେଉଁ କ୍ଷେତ୍ରରେ ପ୍ରବେଶ ଆଇନ୍‌ସଙ୍ଗତ ନୁହେଁ:

କୌଣସି ବ୍ୟକ୍ତିଙ୍କର ମୃତ୍ୟୁ କିମ୍ବା ଶାରୀରିକ ଆଘାତ ଜାତୀୟ ଉଦ୍ୟାନ, ସଂରକ୍ଷିତ ଜଙ୍ଗଲ, ବନ୍ୟଜୀବ ଅଶ୍ରୟସ୍ଥଳ, ବନ୍ୟଜନ୍ତୁ ଶିକାର ପାଇଁ  ସଂରକ୍ଷିତ ଅଞ୍ଚଳ କିମ୍ବା ପ୍ରବେଶ ଅନନୁମୋଦିତ ଅଞ୍ଚଳ ମଧ୍ୟରେ ହୋଇଥିଲେ ଏବଂ ସେହି ଅଞ୍ଚଳ ମଧ୍ୟକୁ ପ୍ରବେଶ କରିବାପାଇଁ ସଂପୃକ୍ତ ବ୍ୟକ୍ତି ଆଇନତଃ କ୍ଷମତାପ୍ରାପ୍ତ ନହୋଇଥିଲେ

## ଯଦି ଦଣ୍ଡନୀୟ  କାର୍ଯ୍ୟକଳାପରେ ସଂପୃକ୍ତ ହୋଇଥାନ୍ତି:

ବନ୍ୟଜୀବ ସୁରକ୍ଷା ଆଇନ୍ ୧୯୭୨, ଓଡ଼ିଶା ଜଙ୍ଗଲ ଆଇନ୍ ୧୯୮୧, ଓଡ଼ିଶା କେନ୍ଦୁପତ୍ର  (ବ୍ୟବସାୟ ନିୟନ୍ତ୍ରଣ) ଆଇନ୍, ୧୯୬୧ ଏବଂ ଏହାର ଅଧିନରେ ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଅପରାଧିକ/ ଦଣ୍ଡନୀୟ କାର୍ଯ୍ୟକଳାପରେ ଲିପ୍ତ ଥିବା ସମୟରେ ତାଙ୍କର ମୃତ୍ୟୁ କିମ୍ବା ଆଘାତ ପ୍ରାପ୍ତ ହୁଅନ୍ତି । ଉପରୋକ୍ତ ଆଇନ୍ ଅନୁଯାୟୀ ବେଆଇନ୍ କାର୍ଯ୍ୟକଳାପ ନିର୍ଣ୍ଣୟ କରାଯାଇଥାଏ ।

## ଯେତେବେଳେ ଗୃହପାଳିତ ପଶୁର ମୃତ୍ୟୁ ସୁରକ୍ଷିତ ଅଞ୍ଚଳ ମଧ୍ୟରେ ହୁଏ:

ଯଦି ଗୃହପାଳିତ ପଶୁର ମୃତ୍ୟୁ ସଂରକ୍ଷିତ ଜଙ୍ଗଲ, ବନ୍ୟଜନ୍ତୁ ଆଶ୍ରୟସ୍ଥଳ, ଜାତୀୟ ଉଦ୍ୟାନ, ବନ୍ୟଜନ୍ତୁ ଶିକାର ପାଇଁ ସଂରକ୍ଷିତ ଅଞ୍ଚଳ କିମ୍ବା ପ୍ରବେଶ ଅନନୁମୋଦିତ ଅଞ୍ଚଳ ମଧ୍ୟରେ ହୁଏ ।



# IN WHAT SITUATIONS ARE THE COMPENSATION NOT GIVEN?

## When entry is not legally authorized:

When death or injury of a human is inside a reserve forest, sanctuary, National Park, game reserve or a closed area if the entry of the human being is not legally authorized

## When engaged in a punishable activity:

When death or injury caused during the period when the human being was said to have engaged in an illegal activity punishable under the Wild Life (Protection) Act, 1972, the Orissa Forest Act, 1981, the Orissa Kendu Leaves (Control of Trade) Act, 1961 and the Rules made thereunder. The illegal activity is determined under these acts.

## When cattle death is inside Protected areas:

When the death of cattle caused inside a reserved forest, Sanctuary, National Park, Game Reserve or inside a closed area.

CENTRE FOR POLICY RESEARCH

NAMATI
INNOVATIONS IN LEGAL EMPOWERMENT